RESURGENT PEOPLES' DAILY
THE UTKAL MAIL
ଉତ୍କଳମେଲ
SIMULTANEOUSLY PUBLISHED FROM BHUBANESWAR & ROURKELA
ପ୍ରତିଷ୍ଠାତା ସଂପାଦକ : ଶ୍ରୀ ପୀତବାସ ମିଶ୍ର

# ଅନୁଷ୍ଠାନର ସୁନାମ ଛାତ୍ରମାନଙ୍କ ସଫଳତା ଦ୍ୱାରା ସୃଷ୍ଟି ହୁଏ : ଡକ୍ଟର ଷଡଙ୍ଗୀ

## ଆଇଆଇପିଏମ୍‌ର ୫ମ ବ୍ୟାଚ ଶିକ୍ଷାର୍ଥୀଙ୍କ ଉଦ୍‌ଘାଟନୀ ଉତ୍ସବ



ରାଉରକେଲା : ଅନୁଷ୍ଠାନର ସୁନାମ ଛାତ୍ରମାନଙ୍କ ସଫଳତା ଦ୍ୱାରା ସୃଷ୍ଟି ହୋଇଥାଏ ବୋଲି ଏନ୍‌ଆଇଟିର ନିର୍ଦ୍ଦେଶକ ଡକ୍ଟର ସୁନୀଲ ଷଡ଼ଙ୍ଗୀ ମତବ୍ୟକ୍ତ କରି ଛନ୍ତି । ଆଜି କାଂଶବାହାଲ ସ୍ଥିତ ଆଇଆଇପିଏମ୍‌ର ପଞ୍ଚମ ବ୍ୟାଚ( ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ ଇଂଜିନିୟରିଂ ମ୍ୟାନେଜମେଣ୍ଟ)ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ଷଡଙ୍ଗୀ ଏହା କହିଥିଲେ । ସେ କହିଲେ ଯେ ଶତପ୍ରତିଶତ ନିଯୁକ୍ତି ବଦଳରେ ଗୁଣାତ୍ମକ ନିଯୁକ୍ତି ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍ । ଶିକ୍ଷାର୍ଥୀମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ କରାଗଲେ. ସେମାନେ ସେମାନଙ୍କର ପ୍ରତିଭାକୁ ଉପଯୁକ୍ତଭାବେ ପ୍ରତିପାଦିତ କରିବାକୁ ସୁଯୋଗ ପାଇବେ ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ । ଡକ୍ଟର ଏମ୍.ଆର ନାୟକ କହିଲେ ଯେ, ଗତବର୍ଷ ଏହି ଅନୁଷ୍ଠାନରୁ ସଫଳ ହୋଇଥିବା ଶିକ୍ଷାର୍ଥୀମାନଙ୍କମଧ୍ୟରୁ ୯୫ ପ୍ରତିଶତ ଶିକ୍ଷାର୍ଥୀଙ୍କୁ ବିଭିନ୍ନ କଂପାନୀରେ ନିଯୁକ୍ତି ମିଳିଛି । ଏହା ଏପରି ଏକ ଅନୁଷ୍ଠାନ ଯେଉଁ ଶିକ୍ଷାର୍ଥୀ ଏଠାରେ ଶିକ୍ଷାଲାଭ କରିଯାଉଛନ୍ତି ସେମାନେ ଫୋର ମ୍ୟାନଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ସଫଳ ହୋଇଛନ୍ତି । କେବଳ ସାର୍ଟିଫିକେଟ ପାଇବା ପାଇଁ ନୁହେଁ କିଛି କରି ଦେଖାଇବା ପାଇଁ ଶିକ୍ଷାର୍ଥୀମାନେ ସବୁବେଳେ ଉଦ୍ୟମ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ । ଏଲଏଣ୍ଡ ଟିର ଜିଏମ୍ ଏସ୍.କେ. ଗୁପ୍ତା ଏହି ଅବସରରେ ନିଜ ଅଭିଭାଷଣରେ ପ୍ରତ୍ୟେକ ଛାତ୍ର ଏବଂ ମଣିଷକୁ ୪ଟି ଗୁଣ ସଂବୃଦ୍ଧ କରେ ବୋଲି କହିଥିଲେ । ଏହି ୪ଟିଗୁଣ ହେଲା ଶାରୀରିକ, ମାନସିକ, ଭାବପ୍ରବଣତାଏବଂ ଆଧ୍ୟାତ୍ମିକତା । ଏହି ୪ଟିରୁ ଗୋଟିଏ ଗୁଣ କମ୍ ହେଲେ ବ୍ୟକ୍ତିତ୍ୱର ଉପଯୁକ୍ତ ପରିପ୍ରକାଶ ହୋଇପାରେ ନାହିଁ ବୋଲି ସେ କହିଥିଲେ । ଶେଷରେ ଶ୍ରୀ କେ.ଢେ. ଶ୍ରୀବାସ୍ତବ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରାବଣର ଶେଷ ସୋମବାର ଉପଲକ୍ଷେ ଶୈବ ପୀଠରେ ଭିଡ

ରାଉରକେଲା : ଆଜିଥିଲା ପବିତ୍ର ଶ୍ରାବଣର ଶେଷ ସୋମବାର । ଏହି ସୋମବାର ଉପଲକ୍ଷେ ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ, ଘୋଘର ସମେତ ରାଉରକେଲା ସହର ଏବଂ ସୁନ୍ଦରଗଡ ଜିଲ୍ଲାରେ ଥିବା ବିଭିନ୍ନ ଶିବ ମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ଗହଳି ଲାଗି ରହିଥିଲା । ଆଜି ଭୋର ୪ଟାରୁ ବିଭିନ୍ନ ମନ୍ଦିରରେ ବୋଲବମ୍ ଭକ୍ତଙ୍କର ଲମ୍ବାଧାଡି ଲାଗିରହିଥିଲା । ମଙ୍ଗଳ ଆଳତୀପରେ ସାହାଣ ମେଲା ହୋଇଥିଲା । ଭକ୍ତମାନେ ଜଳାଭିଷେକ କରିବା ପାଇଁ ଏକ ଲମ୍ବା ଧାଡି ଲଗାଇଥିଲେ ।